# ଦୁଇ ଓଡ଼ିଆଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

## ଓଡ଼ିଆ ଭାଷା ଲାଗି ପ୍ରଫେସର ବୈଷ୍ଣବ ଚରଣ ସାମଲ


## ସାନ୍ତାଳୀ ଭାଷାରେ ନାଟକ ଲାଗି ମହେଶ୍ୱର ସୋରେନ

■ ଭୁବନେଶ୍ୱର, ୧୮।୧୨ (ବି.ବ୍ୟୁ): ୨୦୨୪ ବର୍ଷ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି । ଓଡ଼ିଆରେ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ଲାଗି ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଏହି ପୁରସ୍କାର ଦିଆଯିବା ବେଳେ ସାନ୍ତାଳୀରେ ମହେଶ୍ୱର





ଓଡ଼ିଆରେ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ଲାଗି ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଏହି ପୁରସ୍କାର ଦିଆଯିବା ବେଳେ ସାନ୍ତାଳୀରେ ନାଟକ 'ସେଦେୟ ସାଗ୍ରା ରେନ ଅଣ୍ଡା ମନମୀ' ଲାଗି ମହେଶ୍ୱର ସୋରେନଙ୍କୁ ଏହି ପୁରସ୍କାର ଦିଆଯିବାର ଘୋଷଣା ହୋଇଛି ।



ସୋରେନଙ୍କୁ ଏହି ପୁରସ୍କାର ଦିଆଯିବାର ଘୋଷଣା ହୋଇଛି । ତାଙ୍କ ରଚିତ ନାଟକ 'ସେଦେୟ ସାଗ୍ରା ରେନ ଅଣ୍ଡା ମନମୀ' ପାଇଁ ସେ ଏହି ପୁରସ୍କାର ପାଇବେ ।

ପ୍ରଫେସର ବୈଷ୍ଣବ ଚରଣ ସାମଲ ୧୫୦ରୁ ଅଧିକ ବହି ଲେଖିଛନ୍ତି । ଜଣେ ପ୍ରାବନ୍ଧିକ ଓ ସମାଲୋଚକ ଭାବରେ ତାଙ୍କର ଓଡ଼ିଆ ସାହିତ୍ୟ ଜଗତରେ ଖ୍ୟାତି ରହିଛି । ସେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ (ଶାନ୍ତି ନିକେତନ)ରେ ଅଧ୍ୟାପନା କରୁଥିଲେ । ୨୦୦୧ରୁ ଅବସର ନେଇଛନ୍ତି । ଜଣେ ଭଲ ମୁକ୍ତଚିନ୍ତାବାଦୀ ପ୍ରାବନ୍ଧିକ ତଥା ସମାଲୋଚକ ଭାବରେ ତାଙ୍କର ସୁଖ୍ୟାତି ସବୁ ବେଳେ ରହିଛି ।

'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଗଳ୍ପର ଇତିବୃତ୍ତ',

➲ଅବଶିଷ୍ଟାଂଶ ପୃଷ୍ଠା-୫

## ଦୁଇ ଓଡ଼ିଆଙ୍କୁ...

'ଓଡ଼ିଆ ଗଳ୍ପ', 'ଉନ୍ମେଷ ଓ ଉତ୍ତରଣ', 'ସମୀକ୍ଷାଲୋକ', 'ସମାଲୋଚନା, ସ୍ୱର ଓ ସ୍ୱାକ୍ଷର', 'ସମାଲୋଚନା ମଧୁପର୍ବ' ଆଦି ପୁସ୍ତକ ସହିତ ଅନେକ ରମ୍ୟ ରଚନା, କବିତା, ଧର୍ମ ସାହିତ୍ୟ, ଶିଶୁ ସାହିତ୍ୟ ରହିଥିବାବେଳେ ଗ୍ରନ୍ଥ ସଂପାଦନା ତାଙ୍କର ଅମୂଲ୍ୟ କୃତୀ । ତାଙ୍କ ଆତ୍ମଜୀବନୀ ହେଉଛି ଜଣେ 'ବଣା ବାଟୋଇର କାହାଣୀ' । ତାଙ୍କର ଜନ୍ମ ୧୯୩୯ ମସିହା ଜାନୁଆରୀ ୨୭ ତାରିଖ ।

ପ୍ରଫେସର ବୈଷ୍ଣବ ଚରଣ ସାମଲ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଦୁଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା । ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କଲା ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଶାନ୍ତି ନିକେତନର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ ।

୨୦୨୫ ମାର୍ଚ୍ଚ ୮ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ସମାରୋହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦରେ ପ୍ରଫେସର ସାମଲ ଓ ଅନ୍ୟମାନେ ତାମ୍ରଫଳକ, ଶାଲ, ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବେ । ସେହିପରି ଆଉ ଜଣେ ଓଡ଼ିଆ ମୟୂରଭଞ୍ଜ ଜିଲ୍ଲା ଉଦଳା ଅନ୍ତର୍ଗତ କାମୋଡିଆ ଗ୍ରାମର ମହେଶ୍ୱର ସୋରେନ (୪୪ ବର୍ଷ)ଙ୍କୁ ସାନ୍ତାଳୀ ନାଟକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ । ଶ୍ରୀ ସୋରେନ କଟକ ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଅଛନ୍ତି । ସେଦେୟ ସାଗ୍ରା ରେନ ଅଣ୍ଡା ମନମୀ ନାଟକ ପାଇଁ ସେ ଏହି ପୁରସ୍କାର ପାଇବେ । ମହେଶ୍ୱର ସୋରେନ ଜଣେ ନାଟ୍ୟକାର ସହିତ ନିର୍ମାତା ଓ ନିର୍ଦ୍ଦେଶକ ମଧ୍ୟ । ୨୦୧୨ରେ ସେ ସାନ୍ତାଳୀ ଫିଲ୍ମ 'ହୁଲାଡ ମାୟା' ଏବଂ ୨୦୧୬ରେ 'ଧୋରେମ ଦରୋବାର' ନିର୍ମାଣ କରିଥିଲେ । ଏହି ଦୁଇଟି ଫିଲ୍ମ ବେଶ ଚର୍ଚ୍ଚିତ । ନବମ ଶ୍ରେଣୀରୁ ସେ ସାନ୍ତାଳୀ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ନାଟକ ଓ କାହାଣୀ ଲେଖିବା ସହ କବିତା ମଧ୍ୟ ଲେଖିଛନ୍ତି । ତାଙ୍କ ପତ୍ନୀ ନିରୂପମା ହାଁସଦା ସୋରେନ କଟକ ଏସିବି ମେଡିକାଲ କଲେଜରେ ନର୍ସିଂ ଅଫିସର ଅଛନ୍ତି ।

ଅନ୍ୟ ଭାଷା ମଧ୍ୟରେ ଆସାମୀରେ ସମୀର ତନ୍ତୀ, ବୋଡୋରେ ଅରୋଣ ରାଜା, ଇଂରାଜୀରେ ଏଷ୍ଟିନେ କାଇରେ, ଗୁଜରାଟୀରେ ଦିଲ୍ଲୀପ ଜାବେରୀ, ହିନ୍ଦୀରେ ଗଗନ ଗିରି, କନ୍ନଡରେ କେ.ଭି.ନାରାୟଣ, କାଶ୍ମୀରୀରେ ସୋହନ କୌଲ, ମୈଥିଲିରେ ମହେନ୍ଦ୍ର ମାଲାଙ୍ଗିଆ, ମଣିପୁରୀରେ ହେଓବାମ ସତ୍ୟବତୀ ଦେବୀ, ମରାଠୀରେ ସୁଧୀର ରସାଲ, ନେପାଳୀରେ ଯୁବା ବରାଳଙ୍କୁ ଏହି ପୁରସ୍କାର ମିଳିବ । ସେହିପରି ପଞ୍ଜାବୀରେ ପଲ କୌର, ରାଜସ୍ଥାନୀରେ ମୁକୁଟ ମଣିରାଜ,ସଂସ୍କୃତରେ ଦୀପକ କୁମାର ଶର୍ମା, ସିନ୍ଧିରେ ହଷ୍ଟରାଜ ବଲ୍ୱାନୀ, ତାମିଲରେ ଏ.ଆର. ଭେଙ୍କଟଚଲପତି ଏବଂ ତେଲୁଗୁରେ ପେନୁଗୋଣ୍ଡା ଲକ୍ଷ୍ମୀନାରାୟଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଘୋଷଣା କରାଯାଇଛି ।

### ■ ଓଡ଼ିଆରେ ୧୪ଟି ବହି ଯାଇଥିଲା

ଓଡ଼ିଆରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଗି ୧୪ଟି ବହି ସୁପାରିଶ କରାଯାଇଥିଲା । ସେଥିରେ ଥିଲା ଦାଶ ବେନହୁରଙ୍କ 'ଅବଧାରିତ ଓ ଅନ୍ୟାନ୍ୟ ଗଳ୍ପ', ଆଦିକନ୍ଦ ସାହୁଙ୍କ 'ଆଦିକନ୍ଦ ସାହୁଙ୍କ ନିଜ ନିବନ୍ଧ', ବୈଷ୍ଣବ ଚରଣ ସାମଲଙ୍କ 'ଭୂତି ଭକ୍ତି ବିଭୂତି' , ଅଜୟ ସ୍ୱାଇଁଙ୍କ 'ତପର ଦେହ', ରଞ୍ଜନ କୁମାର ଦାସଙ୍କ 'କବନ୍ଧର କାବ୍ୟାଲେଖ', ବିଜୟ କୁମାର ଶତପଥୀଙ୍କ 'କଙ୍କଣ ଦାସୀ କଥା', କୃପାସାଗର ସାହୁଙ୍କ 'ନାନା', ଗିରିଜା କୁମାର ବଳିଆରସିଂଙ୍କ 'ପଦପୁରାଣ', ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଶ୍ରୀଜଗନ୍ନାଥ ସ୍ୱାମୀ', ପଦ୍ମଜ ପାଳଙ୍କ 'ସୀତା ମୁଁ ସୀତା', ମମତା ଦାଶଙ୍କ 'ଶୂନ୍ୟ ଚିତ୍ରାୟଣ', ଅପର୍ଣ୍ଣା ମହାନ୍ତିଙ୍କ 'ତାରପ୍ରତି' ଓ ବିରଜା ରାଉତରାୟଙ୍କ "ତାରାଭର୍ତ୍ତି ଆକାଶ' । ବିଚାରକ ମଣ୍ଡଳୀ ଏଥିମଧ୍ୟରୁ ବୈଷ୍ଣବ ଚରଣ ସାମଲଙ୍କ 'ଭୂତି ଭକ୍ତି ବିଭୂତି'କୁ ସର୍ବସମ୍ମତି କ୍ରମେ ମନୋନୀତ କରିଛନ୍ତି । ବିଚାରକ ମଣ୍ଡଳୀରେ ଓଡ଼ିଆ ପୁସ୍ତକ ପାଇଁ ଦେବଦାସ ଛୋଟରାୟ, ଶାନ୍ତନୁ ଆଚାର୍ଯ୍ୟ ଓ ଶ୍ରୀମତୀ ପାରମିତା ଶତପଥୀ ରହିଥିଲେ ।